Deaf Child Worldwide

# ଆପଣଙ୍କ ବଧିର ପିଲାକୁ ଘରେ ଶିକ୍ଷା ଦେବାରେ ସାହାଯ୍ୟ କରିବା ପାଇଁ କାର୍ଯ୍ୟସମୂହ

ଏକ ଏପରି ପରିବେଶ ସୃଷ୍ଟି କରନ୍ତୁ, ଯେଉଁଠାରେ ଆପଣଙ୍କ ପିଲାଟି ସ୍ୱାଭାବିକ ଢଙ୍ଗରେ ଶିଖିପାରିବ। ଆପଣଙ୍କ ପିଲାକୁ ହାତକୁ କିପରି ସଠିକ ଭାବରେ ଧୋଇପାରିବ ତାହା ଦେଖାଇବା ଏବଂ ଏହାର କାରଣକୁ ଭଲ ଭାବରେ ବୁଝାଇବା ସେତିକି ଜରୁରୀ, ଯେତିକି ବହିରୁ କିଛି ଶିଖାଇବା। ଆପଣଙ୍କ ପିଲାଟିର ଜୀବନ ଶୈଳୀ ଉନ୍ନତ କରିବା ପାଇଁ ଅନେକ ପ୍ରକାରର ଉପଯୋଗୀ ଧାରା ରହିଛି :

- ବସ୍ତୁଗୁଡିକୁ ଗଣିବା ଏବଂ ସେହି ସଂଖ୍ୟାଗୁଡିକୁ ଆପଣଙ୍କ ଆଙ୍ଗୁଠିରେ ଦେଖାଇବା।
- ରୋଷେଇ କଲାବେଳେ ବ୍ୟବହାର କରାଯାଉଥିବା ଦ୍ରବ୍ୟ ଏବଂ ରୋଷେଇ ସମୟରେ ସେଗୁଡିକ କିପରି ପରିବର୍ତ୍ତନ ହୋଇଯାନ୍ତି ସେ ବିଷୟରେ ଆପଣ ପିଲାଟିକୁ ବୁଝାଇବେ।
- ଆପଣଙ୍କ ପିଲାକୁ ଗଛ, ପାହାଡ଼, ନଦୀ, ଫଳ, ପନିପରିବା ଏବଂ ପଶୁ ଅଥବା ପକ୍ଷୀଙ୍କ ନାମ ଓ ସଂକେତ ଶିଖାଇବା ସହିତ ରଙ୍ଗ, ଆକାର, ଟେକ୍ସଚର (texture) ସ୍ୱାଦ ଓ ଗନ୍ଧ ଆଦି  ବର୍ଣ୍ଣନା ତାଙ୍କୁ ସ୍ପର୍ଶ କରି, ଚଖାଇ ଅଥବା ସୁଂଘାଇ କରିବେ।
- ଆପଣଙ୍କ ପିଲାକୁ ତା'ର ନାମର ଅକ୍ଷରଗୁଡିକ ଚିହ୍ନିବାରେ ସାହାଯ୍ୟ କରିବା।
- ସମୟ କେତେ ହେଲାଣି କହିବା ପାଇଁ ଶିଖେଇବା।

# ଖୁବ ଛୋଟ ବଧିରପିଲା ଓ ଶ୍ରବଣକ୍ଷମ ପିଲାଙ୍କୁ ଘରେ ଶିକ୍ଷା ଦେବା ପାଇଁ କାର୍ଯ୍ୟସମୂହ

## ଟ୍ୟାଲେଣ୍ଟ ଶୋ

ଗୋଟିଏ କାଗଜରେ, ବାଲି ଉପରେ କିମ୍ବା ଧୂଳିରେ କୌଣସି ଏକ ଜିନିଷ କିମ୍ବା ପଶୁର ରେଖାଚିତ୍ର (outline) ଆଙ୍କନ୍ତୁ। ଆପଣଙ୍କ ପାଖରେ ଥିବା କୌଣସି ମାଗାଜିନ୍‌ର ଛବିକୁ ଦେଖି ଆପଣ ଏହା କରିପାରିବେ। ଏହି ଜିନିଷଟିକୁ ଆପଣ ଚାରି ପାଞ୍ଚ ଥର ଆଙ୍କନ୍ତୁ। ଯେତେବେଳେ ଆପଣ ଚିତ୍ରଟିକୁ ଆଙ୍କୁଛନ୍ତି, ସେଗୁଡିକୁ ସମାନ ପ୍ରକାର ଆଙ୍କନ୍ତୁ, କିନ୍ତୁ ସେହି ଭିତରୁ ଗୋଟିକରେ ଅଳ୍ପ କିଛି ପରିବର୍ତ୍ତନ କରିଦିଅନ୍ତୁ। ଉଦାହରଣ ସ୍ୱରୂପ, ଯଦି ଆପଣ ହାତୀ କିମ୍ବା କୁକୁରର ଚିତ୍ର ଆଙ୍କୁଛନ୍ତି, ଗୋଟିକରେ ଲାଞ୍ଜ ବଡ କରିଦିଅନ୍ତୁ ଏବଂ ବାକି ସବୁଥିରେ ଲାଞ୍ଜ ଛୋଟ ରଖନ୍ତୁ।

- କାନ ସମାନ ଅଛି କି ?
- କେଉଁଟି ଅଲଗା ଅଛି ?
- ସବୁଗୁଡିକ ସମାନ ସାଇଜ କି ?





## ପୁଣିଥରେ ଏକାଠି କର

ଗୋଟିଏ ସହଜ ଚିତ୍ର ଆଙ୍କନ୍ତୁ କିମ୍ବା ଖବରକାଗଜ ବା ମାଗାଜିନ୍‌ରୁ ଛବି ବ୍ୟବହାର କରନ୍ତୁ। ସେଗୁଡିକୁ ଛୋଟ ଛୋଟ କରି କାଟନ୍ତୁ ଏବଂ ପଜଲ (puzzle) ଖେଳରେ ଯେମିତି ଯୋଡ଼ାଯାଏ, ସେମିତି ଚିତ୍ରଟିକୁ ପୁଣି ଥରେ ଏକାଠି କରି ଯୋଡ଼ିବା ପାଇଁ ଆପଣଙ୍କ ପିଲାକୁ କୁହନ୍ତୁ। ଅଥବା, ଗୋଟିଏ ବିଲେଇ କିମ୍ବା ଅନ୍ୟ କୌଣସି ପଶୁର ରେଖାଚିତ୍ର (ଆଉଟଲାଇନ) ଆଙ୍କନ୍ତୁ ଏବଂ ତା'ର ଗୋଟିଏ ଭାଗ କାଟିଦିଅନ୍ତୁ। ବର୍ତ୍ତମାନ ଯେଉଁ ଅଂଶ ବା ଭାଗଟି ନାହିଁ, ଚିତ୍ରରେ ସେହି ଅଂଶକୁ ଆଙ୍କିବା ପାଇଁ ପିଲାକୁ କୁହନ୍ତୁ।



# ଖୁବ ଛୋଟ ବଧିରପିଲା ଓ ଶ୍ରବଣକ୍ଷମ ପିଲାଙ୍କୁ ଘରେ ଶିକ୍ଷା ଦେବା ପାଇଁ କାର୍ଯ୍ୟସମୂହ

## ହଜିଥିବା ଜିନିଷ

ଘରେ ଓ ବଗିଚାରେ ଥିବା ବିଭିନ୍ନ ପ୍ରକାର ଜିନିଷକୁ ଏକାଠି କରି ଗୋଟିଏ ଜାଗାରେ ରଖନ୍ତୁ। ସେସବୁକୁ ଦେଖି ତା'ର ନାମ କହିବା ପାଇଁ ଆପଣଙ୍କ ପିଲାକୁ କୁହନ୍ତୁ। ଆପଣଙ୍କ ପିଲାକୁ ତା'ର ଆଖି ବୁଜିବା କିମ୍ବା ବୁଲି ପଡ଼ିବା ପାଇଁ କୁହନ୍ତୁ ଏବଂ ସେସବୁ ଭିତରୁ ଗୋଟିଏ ଜିନିଷ ଉଠାଇ ନିଅନ୍ତୁ। ବର୍ତ୍ତମାନ ପୁଣିଥରେ ସେହି ଜିନିଷଗୁଡ଼ିକୁ ଦେଖିବା ପାଇଁ ଆପଣଙ୍କ ପିଲାକୁ କୁହନ୍ତୁ ଏବଂ ଦେଖନ୍ତୁ କେଉଁ ଜିନିଷଟି ସେହି ଜାଗାରୁ ହଜିଛି, ସେ ମନେରଖିଛି କି ନାହିଁ। କେଉଁ ଜିନିଷଟି ହଜିଛି ବୋଲି ତାକୁ ପଚାରନ୍ତୁ। ଏହି ଖେଳରେ ଆପଣ ଅନ୍ୟାନ୍ୟ ଅଧିକ ଜିନିଷ ମିଶାଇ ଖେଳଟିକୁ ଟିକିଏ ଜଟିଳ ମଧ୍ୟ କରିପାରନ୍ତି। ଏହି ଖେଳଟି ଖୁବ ବଢିଆ ଅଟେ। ପ୍ରକାରାନ୍ତରେ ଆପଣଙ୍କ ପିଲାଟି ମଧ୍ୟ ସେମିତି ଗୋଟିଏ ଜିନିଷ ଉଠାଇ ନେଇ ଆପଣଙ୍କୁ ହଜିଥିବା ଜିନିଷ ଅନୁମାନ କରିବା ପାଇଁ ପଚାରିପାରିବ। ଏହାଦ୍ୱାରା ଆପଣ ଓ ଆପଣଙ୍କ ପିଲାଟି ଭିତରେ ଭଲ ଭାବରେ ଯୋଗାଯୋଗ ହୋଇପାରିବ ଏବଂ ସେ ନୂଆ ନୂଆ ଜିନିଷ ଓ ସଂକେତ (ସାଇନ) ଶିଖି ପାରିବ।

## ଜିନିଷର ନାମକରଣ

ପିଲାମାନଙ୍କୁ ଜିନିଷ ସହିତ ଶବ୍ଦ ଓ ସଂକେତ (ସାଇନ)କୁ ମିଶାଇ ବ୍ୟବହାର କରିବାରେ ଏହା ଖୁବ ଭଲ ସାହାଯ୍ୟ କରେ। ଆପଣ ମଧ୍ୟ ବିସ୍ତାରିତ ଶବ୍ଦ ଯେପରିକି 'ଛୋଟ ଚେୟାର', 'ବଡ ଟେବୁଲ', 'ନେଳିଆ ରଙ୍ଗ ଲ୍ୟାମ୍ପ' ଆଦି ଶିଖାଇପାରନ୍ତି। ଯଦି ଆପଣ ଶବ୍ଦଗୁଡ଼ିକ କହିବା ପାଇଁ ସାଙ୍କେତିକ ଭାଷା ଜାଣି ନାହାନ୍ତି, ତାହେଲେ ଠାର କିମ୍ବା ଅଙ୍ଗଭଙ୍ଗୀରେ ବୁଝାନ୍ତୁ। କିମ୍ବା ଯଦି ଆପଣଙ୍କ ପିଲାଟି ସ୍କୁଲରେ ସାଙ୍କେତିକ ଭାଷା ଶିଖୁଥାଏ, ତାହେଲେ ତାକୁ ସେହି ଜିନିଷଟିର ସଂକେତ ଦେଖାଇବା ପାଇଁ କୁହନ୍ତୁ। ଯଦି ଆପଣଙ୍କ ପିଲାଟି ଲେଖିବା ଓ ପଢ଼ିବା ଶିଖିଲାଣି, ତାହେଲେ ଘରର ବିଭିନ୍ନ ଜିନିଷ ଉପରେ ଲେବୁଲ (label) ଲେଖିବା ପାଇଁ ତାକୁ କୁହନ୍ତୁ। ଏହା ତାକୁ ନୂଆ ନୂଆ ଶବ୍ଦ ଲେଖିବା, ବନାନ (spelling) କରିବା ଓ ଶିଖିବାରେ ସାହାଯ୍ୟ କରିବ।

## ସଂଖ୍ୟା ମେଳ

ଗୋଟିଏ କାଗଜରେ କିମ୍ବା ବାଲି କିମ୍ବା ମାଟି ମାଟି ଉପରେ ଏକାଧିକ ଗୋଲେଇ କାଟନ୍ତୁ ଏବଂ ପ୍ରତ୍ୟେକ ଗୋଲେଇରେ ୧ରୁ ୧୦ ଭିତରେ ଏକ ସଂଖ୍ୟା ଲେଖନ୍ତୁ। ଅନେକଗୁଡ଼ିଏ ଜିନିଷ ଏକାଠି କରି ରଖନ୍ତୁ। (ଯେମିତିକି ବୋତଲ ଠିପି, ଗୋଡ଼ି, ବାଦାମ, କାଜୁ ବା ସେମିତି ଅନ୍ୟ ମଞ୍ଜି, ପତ୍ର ଇତ୍ୟାଦି) ଏବଂ ପ୍ରତ୍ୟେକ ଗୋଲେଇରେ ଥିବା ସଂଖ୍ୟା ଅନୁସାରେ ଠିକ ଭାବରେ ଗଣତି କରି ଜିନିଷ ରଖିବାକୁ ଆପଣଙ୍କ ପିଲାଟିକୁ କୁହନ୍ତୁ। ଏହା ଆପଣଙ୍କ ବଧିର ପିଲାଟିକୁ ସଂଖ୍ୟାର ନାମ ଓ ପ୍ରତୀକ (ସିମ୍ବଲ) ଶିଖିବା ସହିତ ମଜାଦାର ଉପାୟରେ ଗଣିବା ଓ ନୂଆ ଶବ୍ଦ ଶିଖିବାରେ ସାହାଯ୍ୟ କରିବ।

## ଅଭିନୟ

ଗୋଟିଏ ସଫ୍ଟ ଟୟ କିମ୍ବା କଣ୍ଢେଇ ବ୍ୟବହାର କରି ସେହି କଣ୍ଢେଇ ସହିତ ଦୈନନ୍ଦିନ କରୁଥିବା କାମଗୁଡିକର ଅଭିନୟ କରନ୍ତୁ। ଏହି କାର୍ଯ୍ୟ ଦ୍ୱାରା ପିଲାମାନେ ଶରୀରର ବିଭିନ୍ନ ଅଙ୍ଗ ପାଇଁ ସଂକେତ, ତା'ର ନାମ ଓ ତାହା ଦ୍ୱାରା ହେଉଥିବା ସିଧାସଳଖ କାମଗୁଡ଼ିକ ବିଷୟରେ ଶିଖିପାରିବେ। କଣ୍ଢେଇ ମଧ୍ୟ ରୋଷେଇ କରିବା, ଡ୍ରେସ ପିନ୍ଧିବା କିମ୍ବା ଅନ୍ୟାନ୍ୟ ଦୈନନ୍ଦିନ କାମଗୁଡ଼ିକ ଶିଖିବାରେ ସାହାଯ୍ୟ କରିପାରିବ।

# ଯୁବା ତଥା ବଡ ବଧିର ପିଲାଙ୍କୁ ଘରେ ଶିକ୍ଷା ଦେବା ପାଇଁ କାର୍ଯ୍ୟସମୂହ

ବୟସ ଓ ସ୍କୁଲରେ ପଢୁଥିବା ଶ୍ରେଣୀ ଅନୁସାରେ ଆପଣଙ୍କ ବଧିର ପିଲାର ପଢାବହି ଥାଇପାରେ, କିନ୍ତୁ ଏସବୁ ନଥାଇ ମଧ୍ୟ ସେ ଘରେ ପାଠ ଶିଖିବା ଜାରି ରଖିପାରିବ। ଯଦି ଆପଣଙ୍କର ଇଣ୍ଟରନେଟ କିମ୍ବା ଅନଲାଇନ ଆସ୍କ ବ୍ୟବହାର କରିବାର ସୁବିଧା ଥାଏ, ଅନେକଗୁଡ଼ିଏ ଓ୍ୱେବସାଇଟ୍ ଅଛି, ଯେଉଁ ଗୁଡ଼ିକ ଆପଣଙ୍କୁ ଶିଖିବାରେ ସହାୟକ ହୋଇପାରିବ। କିନ୍ତୁ ଧ୍ୟାନ ରଖିବାକୁ ହେବ ଯେ ଏଗୁଡ଼ିକ ନିରାପଦ ଅଟନ୍ତି ଏବଂ ଆପଣଙ୍କ ପିଲାଟି ସାରାଦିନ ଏହାକୁ ବ୍ୟବହାର କରୁନାହିଁ। ଆପଣଙ୍କର ସ୍ଥାନୀୟ ଶିକ୍ଷକମାନେ ହୁଏତ କିଛି ଉପଯୋଗୀ ଓ୍ୱେବସାଇଟ୍ ବିଷୟରେ ଜାଣିଥାଇପାରନ୍ତି ଏବଂ ଆପଣ ସେମାନଙ୍କୁ ଏ ବିଷୟରେ ପଚାରି ବୁଝିପାରନ୍ତି।

## ଠାର ଓ ଅଙ୍ଗଭଙ୍ଗୀ

ଆପଣଙ୍କ ବଧିର ପିଲାଟିକୁ ଆପଣଙ୍କୁ ସଂକେତ ବା ଠାର ଶିଖାଇବା ପାଇଁ କୁହନ୍ତୁ ତାହେଲେ ଆପଣ ତା'ସହିତ ଶିଖିପାରିବେ ଏବଂ ଏହାଦ୍ୱାରା ଉଭୟଙ୍କ ମଧ୍ୟରେ ଅଧିକ ଯୋଗାଯୋଗ ହୋଇପାରିବ। ଏହାକୁ ଏକ ପାରିବାରିକ ପ୍ରତିଯୋଗିତା ଭଳି କରନ୍ତୁ ଏବଂ ଦେଖନ୍ତୁ କିଏ ଅଧିକ ସଂକେତ ବା ଠାର ଶିଖିପାରୁଛି, କିନ୍ତୁ ମନେ ରଖନ୍ତୁ ଯେ ବିଭିନ୍ନ ଜିନିଷକୁ ଠାରରେ ଜାଣିବାରୁ ହିଁ ସାଙ୍କେତିକ ଭାଷା ଶିଖିବା ଆରମ୍ଭ ହୁଏ।



## ପଢାବହି (ପାଠ୍ୟ ପୁସ୍ତକ)ର ବ୍ୟବହାର

ଯଦି ଆପଣଙ୍କର ପିଲା ସ୍କୁଲ ପଢାବହି ନେଇ ଘରକୁ ଆସିଲା ତାକୁ ନିଜ ବହି ପଢିବା ପାଇଁ ଉତ୍ସାହିତ କରନ୍ତୁ। ସେ ହୁଏତ ଏଥିରେ ଆପଣଙ୍କ ସାହାଯ୍ୟ ଲୋଡ଼ିପାରେ। ବହିରେ ଥିବା ପ୍ରଶ୍ନାବଳୀକୁ କରିବା ପାଇଁ ଚେଷ୍ଟା କରିବାରେ ଆପଣ ପିଲାକୁ ଗାଇଡ୍ କରିପାରନ୍ତି। ଉତ୍ତରଗୁଡ଼ିକୁ ଲେଖିବା ପାଇଁ ଚେଷ୍ଟା କରିବାରେ ଖାତାଟିଏ ବ୍ୟବହାର କରିବା ଆପଣଙ୍କ ପିଲା ପାଇଁ ଉପାଦେୟ ଅଟେ। ତା'ର କାମରେ ଆଗ୍ରହ ଦେଖନ୍ତୁ ଏବଂ ପ୍ରଶ୍ନୋତ୍ତର କରିବା ସମୟରେ ତା' ସହିତ ଆଲୋଚନା କରନ୍ତୁ କିମ୍ବା ସାହାଯ୍ୟ କରନ୍ତୁ, ଆବଶ୍ୟକ ସ୍ଥଳେ ବହିରୁ ଉତ୍ତର ଦେଖାଇ ଦିଅନ୍ତୁ। ଯଦି ତା'ର କେହି ବଡ ଭାଇ ଭଉଣୀ ଥାଆନ୍ତି, ସେ ମଧ୍ୟ ପଢା ସାଥି କିମ୍ବା ଶିକ୍ଷକର ଭୂମିକା ନେଇପାରିବ।



## ସାନ ଭାଇ ଏବଂ ଭଉଣୀ ମାନଙ୍କ ସହିତ ମିଶି ଶିଖିବା



ବଡ଼ ପିଲାମାନେ ସାନ ପିଲାମାନଙ୍କୁ ପଢିବା, ଲେଖିବା କିମ୍ବା ସଂଖ୍ୟା ବ୍ୟବହାର କରିବାକୁ ଶିଖାଇବାରେ ସମ୍ପୃକ୍ତ ହୋଇପାରନ୍ତି। ସେମାନେ ସାନମାନଙ୍କୁ ଖୁସି କରିବା ପାଇଁ ମନଗଢା ଗପ କହିପାରନ୍ତି କିମ୍ବା କାଗଜ ବା ବାଲି କିମ୍ବା ମାଟିରେ ଚିତ୍ର ଆଙ୍କି ପାରନ୍ତି। ସେମାନେ ଖେଳଟିଏ ଆରମ୍ଭ କରିବା ସହିତ ତା'ର ନିୟମ ସବୁ ତିଆରି କରି ଲେଖିପାରିବେ ଏବଂ ସେହି ଖେଳକୁ ଅନ୍ୟ ପିଲା ଓ ପରିବାରର ଲୋକମାନଙ୍କୁ ଶିଖାଇପାରିବେ।



# ଯୁବା ତଥା ବଡ଼ ବଧିର ପିଲାଙ୍କୁ ଘରେ ଶିକ୍ଷା ଦେବା ପାଇଁ କାର୍ଯ୍ୟସମୂହ

## ଅନ୍ୟାନ୍ୟ କଥା ଶିଖେଇବାର କାର୍ଯ୍ୟସମୂହ

ଆପଣଙ୍କର ବୟସ୍କ ବଧିର ପିଲାଟିକୁ ସଉଦା ଲିଷ୍ଟ ଲେଖିବାରେ ଆପଣଙ୍କୁ ସାହାଯ୍ୟ କରିବା ପାଇଁ ଉତ୍ସାହିତ କରନ୍ତୁ ଏବଂ ସେଥିପାଇଁ କେତେ ପଇସା ଖର୍ଚ୍ଚ ହେବ, ତାହା ହିସାବ କରିବା ପାଇଁ କୁହନ୍ତୁ। ଏହା ତାକୁ ଗଣିତ ଶିଖିବା ଓ ଲେଖିବାରେ ସାହାଯ୍ୟ କରିବ। କିମ୍ବା, ଯଦି ଆପଣ ଘର ଛାଡ଼ି ଯାଇପାରୁନାହାନ୍ତି, ତା'ହେଲେ ଘର ଭିତରେ ଗୋଟିଏ ଛୋଟ ରୁମ୍(ଘର) କିମ୍ବା ଛୋଟିଆ ଜାଗାରେ କିଛି ଜିନିଷ ବିକିବାକୁ ରଖି ଦୋକାନ ବା ବଜାରର ଷ୍ଟଲ୍ ଭଳି ସଜାନ୍ତୁ। ଆପଣଙ୍କ ପିଲାଟି ସେଠାରୁ କିଛି ଜିନିଷ କିଣି ପଇସା ଦେବାର କିମ୍ବା ଦୋକାନୀ ଭଳି ପଇସା ରଖି ବାକି ଖୁଚୁରା ପଇସା ଗଣି ଫେରାଇବାର ଅଭିନୟ କରିପାରିବ। ଏହିଭଳି ସଉଦା କିଣିବା କାମ ଦ୍ୱାରା ପିଲାମାନେ ପଇସା ଦେଣନେଣ ବିଷୟରେ ଶିଖିପାରିବେ।

ଆପଣଙ୍କ ପିଲାକୁ ଗପଟିଏ କହିବା ପାଇଁ କୁହନ୍ତୁ ଏବଂ ଯଦି ସମ୍ଭବ ହୁଏ ତାହା ଲେଖିବା ପାଇଁ କୁହନ୍ତୁ। ସେ ତା'ର ବିଦ୍ୟାଳୟ କିମ୍ବା ତା'ର ପ୍ରିୟ ଖେଳକୁଦ ବିଷୟରେ କହିପାରେ କିମ୍ବା କୌଣସି ବ୍ୟକ୍ତି ବିଷୟରେ ବର୍ଣ୍ଣନା କରିପାରେ। ନହେଲେ, ସେ ଘରେ ପ୍ରସ୍ତୁତ ହେଉଥିବା ଯେ କୌଣସି ବ୍ୟଞ୍ଜନ (ରେସିପି) ତିଆରି କରିବାର ବିଧି ଓ ବ୍ୟବହାର କରାଯାଉଥିବା ଜିନିଷ ବିଷୟରେ ଲେଖୁ କିମ୍ବା ରୋଷେଇ କରିବାରେ ସାହାଯ୍ୟ କରୁ।

ଯେଉଁମାନେ ଏପର୍ଯ୍ୟନ୍ତ ଲେଖିବା ଶିଖୁଛନ୍ତି, ସେମାନଙ୍କୁ ଅକ୍ଷର ଓ ଶବ୍ଦଗୁଡ଼ିକ ନକଲ (କପି) କରିବା ପାଇଁ କୁହନ୍ତୁ, କିନ୍ତୁ ସବୁବେଳେ କେବଳ ନକଲ (କପି) ନ କରି ସେହି ଶବ୍ଦଗୁଡ଼ିକର ଅର୍ଥ ବୁଝି ଲେଖିବାରେ ସେମାନଙ୍କୁ ସାହାଯ୍ୟ କରନ୍ତୁ। ସଂକେତ କିମ୍ବା ଠାରରେ ଦେଖାନ୍ତୁ ଏବଂ ଯଦି ଆପଣ ତାହା ଜାଣି ନାହାନ୍ତି, ତାହେଲେ ଆପଣଙ୍କର ପିଲାଟି ଯେଉଁ ସଂକେତ ସବୁ ଆଗରୁ ଶିଖିସାରିଛି ତାହା ଆପଣଙ୍କୁ ଶିଖେଇବା ପାଇଁ କୁହନ୍ତୁ।

## ପରିବାର ବୃକ୍ଷ (ଫ୍ୟାମିଲି ଟ୍ରୀ)

ଆପଣଙ୍କର ପିଲାଟି ସହିତ ମିଶି ଗୋଟିଏ ପରିବାର ବୃକ୍ଷ (ଫ୍ୟାମିଲି ଟ୍ରୀ) ଆଙ୍କନ୍ତୁ ଏବଂ ସେଥିରେ ପରିବାରର ସଦସ୍ୟମାନଙ୍କ ଭିତରେ ଥିବା ସମ୍ପର୍କ ଦର୍ଶାନ୍ତୁ।

## ନକ୍ସା (ମ୍ୟାପ)

ଆପଣଙ୍କର ପିଲାଟି ସହିତ ମିଶି ଆପଣଙ୍କ ଅଞ୍ଚଳର ରାସ୍ତା, କୋଠାବାଡି, ପଡ଼ିଆ, ଦୋକାନ ଘର, ସ୍କୁଲ, ଇତ୍ୟାଦି ଥିବା ଗୋଟିଏ ନକ୍ସା (ମ୍ୟାପ) ତିଆରି କରନ୍ତୁ। ଯେତେଦୂର ସମ୍ଭବ ବିସ୍ତୃତ ଭାବରେ କରନ୍ତୁ।

ଆପଣଙ୍କ ଘର ପାଖାପାଖି ଅଞ୍ଚଳରେ ଫୁଲ ଗଛ, ବୁଦାମୂଳ ଓ ଗଛଲତା ଆଦି ଦେଖି ଗଜା କେମିତି ବାହାରୁଛି, ମଞ୍ଜିରୁ କିପରି ଗଛ ହଉଛି, ଏ ସବୁ ଅନୁଧ୍ୟାନ କରନ୍ତୁ।

ଆପଣଙ୍କର ପିଲାକୁ ଗୋଟିଏ ପର୍ବପର୍ବାଣୀର ଚିତ୍ର ଦେଖାଇ ସେହି ଚିତ୍ରରେ କ'ଣ ସବୁ କାମ ଚାଲିଛି, ତାହା ଆଲୋଚନା କରନ୍ତୁ। ପର୍ବପର୍ବାଣୀରେ କ'ଣ ସବୁ ହୁଏ ଏବଂ କ୍ୟାଲେଣ୍ଡରରେ ତାହା କେଉଁ ଦିନ ପଡ଼େ ସେ କଥା ଏକାଠି ମିଶି ଚିନ୍ତା କରନ୍ତୁ।

**ଆପଣଙ୍କର ବଧିର ପିଲାଟିକୁ ଶିଖାଇବା ମଜାଦାର କରିହେବ! ଯୋଗାଯୋଗ କରିବା ପାଇଁ ଏକାଠି ମିଶି ସବୁଠାରୁ ଭଲ ଉପାୟଗୁଡ଼ିକ ବାହାର କରନ୍ତୁ!**